ସମ୍ବାଦ

## କେନ୍ଦ୍ର ସାହିତ୍ୟ ଏକାଡେମୀର ତିନିଟି କାର୍ଯ୍ୟକ୍ରମ

# ସାହିତ୍ୟ ହେଉଛି ମୁକ୍ତିର ମାର୍ଗ: ପ୍ରଫେସର ମଧୁସୂଦନ ପତି




ବଲାଙ୍ଗୀର, ୩୦।୧୦ (ଇମିସ): ସାହିତ୍ୟ ଏକାଡେମୀ ନିଜ ପାଇଁ ଲେଖେନାହିଁ। ସମାଜ ପାଇଁ ହିଁ ସେ ଲେଖନୀ ଚାଳନା କରିଥାଏ। ନିଜକୁ ଅଧସ୍ତନ ମନେକରି ଲେଖନୀ ଚାଳନା କଲେ ତାହାର ପ୍ରଭାବ ସମାଜ ଉପରେ ପଡ଼ିଥାଏ। ସାହିତ୍ୟ ହେଉଛି ମୁକ୍ତିର ମାର୍ଗ। ସାହିତ୍ୟରେ ସାଂସ୍କୃତିକ ଅସ୍ମିତା ଶୀର୍ଷକ ଆଲୋଚନାଚକ୍ରରେ ଉଦ୍‌ଘାଟକ ଭାବେ ଯୋଗଦେଇ ଏହା କହିଛନ୍ତି ପ୍ରଫେସର ଡ. ମଧୁସୂଦନ ପତି। ସ୍ଥାନୀୟ ସରୋଜିନୀ ରେସିଡେନ୍ସି ସମ୍ମିଳନୀ କକ୍ଷରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରଚନା ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ ଓଡ଼ିଆ ଉପଦେଷ୍ଟା ମଣ୍ଡଳିର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ। କାର୍ଯ୍ୟକ୍ରମ ଆରମ୍ଭରେ ସଙ୍ଗୀତ ପରିବେଷଣ କରିଥିଲେ ଖ୍ୟାତନାମା କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ। ସାହିତ୍ୟ ଏକାଡେମୀ ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର ଦେବେଶ୍ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭିକ ସୂଚନା ଦେଇଥିଲେ ରଚନାର ସଂପାଦକ ଭାଗୀରଥି ମିଶ୍ର। ଉଦ୍‌ଘାଟନୀ ଉତ୍ସବରେ ଧନ୍ୟବାଦ ଦେଇଥିଲେ ରଚନାର ସଭାପତି ସନାତନ ଠାକୁର। ପ୍ରଥମ ଅଧିବେଶନରେ ବିଶିଷ୍ଟ କଥାକାର ଗାୟତ୍ରୀ ସରାଫଙ୍କ ସଭାପତିତ୍ୱରେ ପ୍ରବନ୍ଧ ପାଠ କରିଥିଲେ ଡ. ଦେବାଶିଷ ପାଣ୍ଡିଆ, କ୍ଷେତ୍ରବାସୀ ନାଏକ ଓ ଡ. ସଂଜୟ ମିଶ୍ର। ଦ୍ୱିତୀୟ ଅଧିବେଶନରେ ଡ. ପ୍ରଦୀପ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ କେଶରଞ୍ଜନ ପଧାନ ଓ ଡ. କୌତୁକ ପନ୍ଦର। ଅପରାହ୍ନରେ ଆୟୋଜିତ 'ମୋ ଦୃଷ୍ଟିରେ' କାର୍ଯ୍ୟକ୍ରମରେ ପ୍ରଖ୍ୟାତ କବି ଡ. ଶ୍ରୀନିବାସ ଉଦଗାତାଙ୍କ ଜୀବନ ଓ କୃତି ସମ୍ପର୍କରେ ବିଶିଷ୍ଟ କବି ଭାଗୀରଥି ମିଶ୍ର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଶିଷ୍ଟ କବି ପ୍ରହଲ୍ଲାଦ ଶତପଥୀ ସ୍ୱରଚିତ କବିତା ପାଠ ସହ ନିଜ କାବ୍ୟ ଯାତ୍ରାକୁ ନେଇ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଯୁବ ଲେଖକ ଡ. ସୁଶୀଳ ବାଗ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ. ଜଗନ୍ନାଥ ସାହୁ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ଯୁଜେଷ୍ଟୀ ମେହେର, ରତ୍ନମୟୀ ତ୍ରିପାଠୀ, ରାଜୀବ ଲୋଚନ ଆଚାର୍ଯ୍ୟ, ରାଜେଶ ଝାଙ୍କର ଓ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ବହୁ ଲେଖକଲେଖିକା ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।